# Akashvani, Sambalpur

## SAMBALPURI NEWS MORNING BULLETIN

## 30 April 2026 - 6.47- 6.52 am.

---

ବିଧାନ୍‌ସଭାର୍ ଖାସ୍ ଅଧିବେଶନ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ବିଧାନ୍‌ସଭାର୍ ଦିନ୍‌କିଆ ଖାସ୍ ଅଧିବେଶନ୍ ଆଏଜ୍ ହେବା । ସଖାଲର୍ ୧୧ ବଜେ ଅଧିବେଶନ୍ ମୁଲ୍ ହେବା । ଅଧିବେଶନ୍‌ଥି ଦେଶର୍ ଗଣତନ୍ତ୍ରଥି ମହିଳାମାନ୍‌କର୍ ଯୋଗ୍‌ଦାନ୍ ଉପ୍‌ରେ ଆଲୋଚନା କରାଯିବା । ଅଧିବେଶନ୍ ଆଘୋନୁ ବିଧାନ୍‌ସଭା ପରିସର୍ ନ ୩ ଥାକିଆ ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ନିରାପତା ଦୃଷ୍ଟିନୁ ପାଖାପାଖି ୩୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ୍ କରାଯାଇଛେ ।

ସୁଭଦ୍ରା ପଞ୍ଜିକରଣ୍ ଶେଷ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଚାଲିଥିବା ସୁଭଦ୍ରା ଯୋଜ୍‌ନାର୍ ନୂଆଁ ପଞ୍ଜିକରଣ୍ ଆଏଜ୍ ଶେଷ୍ ହେଉଛେ । ଯେନ୍‌ମାନେ କେନ୍‌ସି କାରଣ୍‌ନୁ ପଞ୍ଜିକରଣ୍ ନାଇଁ କରିପାରି ସେମାନେ ଖାଲି ସୁଭଦ୍ରା ପୋର୍ଟାଲ୍ ଜରିଏ ନୂଆଁ ଆବେଦନ୍ କରିପାର୍‌ବେ । ସାଧାରଣ୍ ସେବା କେନ୍ଦ୍ର, ଆମ ସେବା କେନ୍ଦ୍ର ଜରିଏ ପଞ୍ଜିକରଣ୍ କରାଯାଉଛେ । ସବୁ ଅଙ୍ଗନବାଡ଼ି କେନ୍ଦ୍ର ଆଉ ସିଡ଼ିପିଓ କାର୍ଯ୍ୟାଳୟ ନ ଇଥିର୍‌ଲାଗି ମାହାଲିଆ ଫର୍ମ ମିଳୁଛେ । ଇନ ଜନେଇ ଦିଆଯାଇପାରେ ଯେ, ସୁଭଦ୍ରା ଯୋଜ୍‌ନା ଲାଗି ନୂଆଁ ପଞ୍ଜିକରଣ୍ ଗଲା ୧ ତାରିଖ୍‌ନୁ ମୁଳ୍ ହେଇଥିଲା ।

ରାଜସ୍ୱ ମନ୍ତ୍ରୀ          ଆଇ ଆଣ୍ଡ୍ ପି.ଆର୍

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲ୍‌ନା ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ କୁଇଲାଖଣି ଇଲାକାମାନ୍‌କେ ଚାଲୁଥିବା ସି.ଏସ୍.ଆର୍. ପ୍ରକଳ୍ପ ମାନ୍‌କର୍ ଉପ୍‌ରେ ଗୁଟେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ ହେଇଯାଇଛେ । ଲୁକଙ୍କର୍ ଉନ୍ନତି ଲାଗି ଜନକଲ୍ୟାଣ୍‌ମୂଲକ୍ କାମ୍‌କେ ତୁର୍‌ତି କର୍‌ବାର୍‌କେ ମନ୍ତ୍ରୀ କମ୍ପାନୀମାନ୍‌କେ ନିର୍ଦ୍ଦେଶ୍ ଦେଇଛନ୍ ।

ଝାର୍‌ସୁଗୁଡ଼ା, ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ୍, ଅନୁଗୁଲ୍ ଜିଲ୍ଲା ନ କମ୍ପାନୀମାନ୍‌କର୍ ସି.ଏସ୍.ଆର୍ କାମ୍‌କାଜ୍ ବାବ୍‌ଦେ ବୈଠକ୍‌ଥି ଆଲୋଚନା କରାଯାଇଥିଲା । ଝାର୍‌ସୁଗୁଡ଼ା ନ ପ୍ରସ୍ତାବିତ୍ ବିଶ୍ୱବିଦ୍ୟାଲୟ ହୃଦ୍‌ରୋଗ ହସ୍ପିଟାଲ୍ ଆଉ ଲଖନ୍‌ପୁର୍ ଷ୍ଟାଡ଼ିୟମ୍ ଲାଗି ପାଣ୍ଠି ବ୍ୟବସ୍ଥା କରାଯାଇକରି ଖୋବ୍ ଜଲ୍‌ଦି କାମ୍ ମୁଲ୍ କର୍‌ବାର୍‌କେ ମନ୍ତ୍ରୀ ଜୋର୍ ଦେଇଛନ୍ ।

ନିଯୁକ୍ତି ପତ୍ର ଆଇ ଆଣ୍ଡ୍ ପି.ଆର୍

ଭୁବନେଶ୍ୱର୍ ସର୍‌କାରୀ ପଲିଟେକ୍‌ନିକ୍ ଠାନେ ହେଇଥିବା କେମ୍ପସ୍ ଟୁ କେରିଅର୍ କାର୍ଯ୍ୟକ୍ରମ୍‌ଥି ୪ ଶହ ନୁ ଅଏତ୍‌କା ଛାତ୍ରଛାତ୍ରୀଙ୍କୁ ପ୍ରତିଷ୍ଠିତ୍ କମ୍ପାନୀମାନ୍‌କର୍ ନିଯୁକ୍ତି ପତ୍ର ଦିଆଯାଇଛେ । ଟାଟା ପାୱାର୍, ଜେଏସ୍‌ଡବ୍ଲୁ, ପେଟିଏମ୍, ମେଡ୍‌ପ୍ଲସ୍ ସହେତେ ୩୨ ନୁ ଅଏତ୍‌କା କମ୍ପାନୀ ନ ଛାତ୍ରଛାତ୍ରୀମାନେ ନିଯୁକ୍ତି ସୁଯୋଗ୍ ପାଇଛନ୍ । ଇ ଅବ୍‌ସରେ ଶିଳ୍ପ ଆଉ ଦକ୍ଷତା ବିକାଶ୍ ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ କହିଛନ୍, ନିଯୁକ୍ତି ଶିକ୍ଷାର୍ ଶେଷ୍ ନୁହେଁ, ଇଟା ଗୁଟେ ନୂଆଁ ଅଧ୍ୟାୟର୍ ଆରମ୍ଭ ଆଏ । ସେନ୍ତା କେମ୍ପସ୍ ନ ୱେଷ୍ଟ ଟୁ ୱେଲ୍‌ଥ ସ୍କିଲ୍

ପାର୍କର ଭିଲ୍ ଉଦ୍‌ଘାଟନ୍ କରାଯାଇଛେ । ଇତାର୍‌ସହେତେ ସୁଦକ୍ଷା ଯୋଜ୍‌ନାଥି ସଫଲ୍ ହେଇଥିବା ଶହେ ୬୮ ଝନ୍ ଛାତ୍ରୀଙ୍କର୍ ସଫଲତାକେ ନେଇକରି ଗୁଟେ ବହିର୍ ଭିଲ୍ ଉନ୍ମୋଚନ୍ କରାଯାଇଛେ ।

ଗ୍ରେଟ୍ ଇଣ୍ଡିଆ ଟ୍ରାଭେଲ୍ ବଜାର୍-ଓଡ଼ିଶା  ଆଇ ଆଣ୍ଡ୍ ପି.ଆର୍

ରାଜସ୍ଥାନ୍ ଜୟପୁର୍ ଠାନେ ଆୟୋଜିତ୍ ଗ୍ରେଟ୍ ଇଣ୍ଡିଆ ଟ୍ରାଭେଲ୍ ବଜାର୍-୨୦୨୬ ଥି ଓଡ଼ିଶା ପର୍ଯ୍ୟଟନ୍‌କେ ୨ ଟା ସମ୍ମାନ୍ ଜନକ୍ ପୁରସ୍କାର୍ ମିଲିଛେ । ପର୍ଯ୍ୟଟନ୍ ବିକାଶ୍‌ଥି ଶ୍ରେଷ୍ଠ ଅବଦାନ୍ ଲାଗି ଟ୍ରାଭେଲ୍ ଏଣ୍ଡ୍ ଟୁରିଜମ୍ ଏକ୍ସଲେନ୍ସ ଆୱାର୍ଡ଼ ୨୦୨୬ ମିଲିଥିବାର୍ ବେଲେ ଓଡ଼ିଶା ପାଭିଲିଅନ୍ ଲାଗି ଶ୍ରେଷ୍ଠ ଷ୍ଟଲ୍ ପୁରସ୍କାର୍ ମିଲିଛେ । ଇ ଅବ୍‌ସରେ ଓଡ଼ିଶା ପାଭିଲିଅନ୍ ଅନ୍ତର୍ଜାତୀୟ କ୍ରେତା ଆଉ ଟୁର୍ ଅପରେଟର୍ ମାନ୍‌କୁ ଖାସ୍ ଭାବେ ଆକର୍ଷିତ୍ କରିଥିଲା ।

ନୃସିଂହ ଚତୁର୍ଦ୍ଦଶୀ            ପୁରୀ ସମ୍ବାଦଦାତା

ବୈଶାଖ୍ ମାସର୍ ଉଜଲ୍ ପଖର୍ ଚତୁର୍ଦ୍ଦଶୀ ଆଉ ନୃସିଂହ ଚତୁର୍ଦ୍ଦଶୀ ଅବ୍‌ସରେ ପୁରୀ ଶ୍ରୀମନ୍ଦିର୍ ନ ନୃସିଂହ ଜନ୍ମନୀତି ପାଲନ୍ କରାଯିବା । ବିଧି ଅନ୍‌ସାରେ ଚନ୍ଦନ୍ ଯାତ୍ରାନୁ ମାହାପୁରୁମାନେ ଫିର୍‌ବାର୍ ଉତ୍‌ରୁ ଇ ଖାସ୍ ନୀତିକାନ୍ତି କରାଯିବା । ତିନିବାଡ଼ଥି ପଂଚାମୃତ ମହାସ୍ନାନ, ନୂଆଁ ବସ୍ତ୍ର ଆଉ ଅଲଙ୍କାର୍ ଲାଗି କରାଯିବାର୍ ଉତ୍‌ରୁ ସନ୍ଧ୍ୟା ଧୂପ ନୀତି ହେବା । ତାର୍ ଉତ୍‌ରୁ ନୃସିଂହ ମାହାପୁରୁଙ୍କୁ ରତ୍ନ ସିଂହାସନ୍, ମୁକ୍ତିମଣ୍ଡପ୍ ଆଉ ପଛେ ଝଲଣ ମଣ୍ଡପ୍‌ଥି ବିଜେ କରାଯିବା । ଇ ଅବ୍‌ସରେ ରଥଖଲା ନ ଭିଲ୍ ଖାସ୍ ପରମ୍ପରାର୍ ପାଲନ୍ କରାଯିବା ।

ଆଇ.ସି.ଏସ୍.ଇ- ପରୀକ୍ଷାଫଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

କାଉନ୍‌ସିଲ୍ ଅଫ୍ ଇଣ୍ଡିଆନ୍ ସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ଫଲ୍ ଆଏଜ୍ ବାହାରିବା । ଆଇ.ସି.ଏସ୍.ଇ ୧୦ ଆଉ ୧୨ ଶ୍ରେଣୀ ପରୀକ୍ଷାଫଲ୍ ଏକାସାଙ୍ଗେ ବାହାରିବା । ସଖାଲର୍ ୧୧ ବଜେ ବୋର୍ଡ଼ର ୱେବ୍‌ସାଇଟ୍‌ନୁ ଛାତ୍ରଛାତ୍ରୀମାନେ ପରୀକ୍ଷାଫଲ୍ ଜାନିପାର୍‌ବେ ବଲି ବୋର୍ଡ଼ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସଡ଼କ୍ ସୁରକ୍ଷା ସମିତି ସଭା     ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ନ ଜିଲ୍ଲାସ୍ତରୀୟ ସଡ଼କ୍ ସୁରକ୍ଷା ସମିତି ସଭା ଗଲାକାଏଲ୍ ଅତିରିକ୍ତ ଜିଲ୍ଲାପାଲ୍ ରାଜେନ୍ଦ୍ର ମାଝୀଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ସଭାଥି ଜିଲ୍ଲା ନ ସଡ଼କ୍ ସୁରକ୍ଷା ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ଭିନ୍ ଭିନ୍ ଛକ୍ ଆଉ ମୁଖିଆ ଜାଗା ମାନ୍‌କେ ସଂକେତ୍ ଥାପ୍‌ନା ଆଉ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର୍ ଚାର୍‌ହିଆଡ଼େ ସୁରକ୍ଷା ବ୍ୟବସ୍ଥାକେ ବଢ଼ାବାର୍ ବାବ୍‌ଦେ ଭିଲ୍ ସଭାଥି ଆଲୋଚନା କରାଯାଇଥିଲା ।

ଜଙ୍ଗଲ୍ ଜମି ଆଇନ୍ -କମିଟି ବୈଠକ୍     ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ଠାନେ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି  ଜଙ୍ଗଲ୍ ଜମି ଆଇନ୍ ବାବଦ୍ କମିଟି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲାର୍ ଜଙ୍ଗଲ୍ ଜମି ଉପ୍‌ରେ

ତିଆର୍ ହେବାର୍‌କେ ଥିବା ଭିନ୍ ଭିନ୍ ଉନ୍ନୟନ୍ ମୂଲକ୍ ପ୍ରକଳ୍ପ ବାବ୍‌ଦେ ଆଲୋଚନା କରାଯାଇଥିଲା ।

କ୍ରସ୍ କଂଟ୍ରି ଚମ୍ପିଆନ୍‌ସିପ        ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର୍ ନ ହେଇଥିବା ୩ ନମ୍ବର୍ ରାଜ୍ୟସ୍ତରୀୟ ପୁଲିସ୍ ସନ୍ତରଣ ଆଉ କ୍ରସ୍ କଂଟ୍ରି ଚମ୍ପିଆନ୍‌ସିପ୍-୨୦୨୬ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦଯାପନୀ ସମାରୋହଥି ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ଯୋଗ୍ ଦେଇକରି ଖେଲାଲିମାନ୍‌କୁ ପୁରସ୍କୃତ୍ କରିଥିଲେ । ପୁଲିସ୍ ବାହିନୀଥି ଖେଲ୍, ଶାରୀରିକ୍ ସୁସ୍ଥତା ସହେତେ ଶୃଙ୍ଖଲା ଆଉ ସାହସ୍‌କେ ମଜ୍‌ବୁତ୍ କରସି ବଲି ଶ୍ରୀ ଖୁରାନିଆ କହିଛନ୍ ।

(ଭଏସ୍ ଓଭର୍- ଖୁରାନିଆ)

ପ୍ରତିଯୋଗିତାଥି ଶହେ ୪୧ ଝନ୍ ଖେଲାଲି ଭାଗ୍ ନେଇଥିବାର୍ ବେଲେ କ୍ରସ୍ କଂଟ୍ରିଥି ୮ ନମ୍ବର୍ ଏସ.ଆଇ.ଆର୍ ବାଟାଲିୟନ୍ ଚାମ୍ପିଆନ୍ ହେଇଛେ । ସନ୍ତରଣ୍ ବିଭାଗ୍‌ଥି ସମ୍ବଲ୍‌ପୁର୍ ଦଲ୍ ଚମ୍ପିଆନ୍ ହେଇଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଖରାର୍ ପ୍ରକୋପ୍ ଜାରି ରହିଛେ । ସେଆଡ଼େ ଆଏବା ୭ ଦିନ୍‌ତକ୍ ରାଜ୍ୟର୍ କେତେଟା ଜିଲ୍ଲା ନ କାଲ୍‌ବୈଶାଖୀର୍ ବଲେ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେବାର୍ ସମ୍ଭାବନା ରହିଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ସେଆଡ଼େ ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ଼୍ ସହେତେ ୧୯ ଟା ଜିଲ୍ଲା ନ ଧୁକାଗର୍ଡ଼ି ଆଉ ଚଡ଼କ୍ ମାରିକରି ବର୍ଷା ହେବା ବଲି କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଗଲାକାଏଲ୍ ବଲାଙ୍ଗିର୍ ନ ରାଜ୍ୟର୍ ସବୁନୁ ଜହ ତାପମାତ୍ରା ୪୩ ଦଶ୍‌ମିକ୍ ୨ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଥିଲା ।